

ଟିପ୍ପଣୀ

**୨୯**

# ରାଷ୍ଟ୍ର ଗଠନ ଦିଗରେ

ରାଷ୍ଟ୍ର ଏକ ଶବ୍ଦ ଯାହାକୁ ଆମ୍ଭେ ଅଧିକ ମହତ୍ୱ ଦେଇ ନଥାଉ । ଏହା ଦ୍ୱାରା ଆମ୍ଭେ କ'ଣ ବୁଝୁ ? ସାଧାରଣତଃ ଆମ୍ଭେ ରାଷ୍ଟ୍ରକୁ କୌଣସି ପ୍ରକାରର ସରକାର ସହିତ ଯୋଡି ଥାଉଁ । ଏଗୁଡିକ ରାଜତନ୍ତ୍ର ବା ଗଣତନ୍ତ୍ର ଅଥବା କେତେକ କ୍ଷେତ୍ରରେ ଗୋଷ୍ଠୀ ତନ୍ତ୍ର ଅର୍ଥାତ୍ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଶାସନ ହୋଇପାରେ । ଏହି ପ୍ରଭେଦ ଲୋକଙ୍କ ପ୍ରବୃତିକୁ ପ୍ରଭାବିତ ବା ନିୟନ୍ତ୍ରିତ କରିବାର କ୍ଷମତାର ଢ଼ଙ୍ଗ ଉପରେ ଆଧାରିତ ହୁଏ । ସମୟ ସମୟରେ ଅଳ୍ପ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହୁଏ ଅଥବା ବହୁଲୋକଙ୍କ ଭାଗିଦାରୀରେ ନ୍ୟସ୍ତ ଥାଏ ।

ଯେଉଁମାନେ ରାଷ୍ଟ୍ରକୁ ନିୟନ୍ତ୍ରିତ କରୁଛନ୍ତି ସେମାନଙ୍କୁ ଆମ୍ଭେ ଶାସକ ରୂପରେ ଜାଣୁ, ସେମାନେ ରାଜନୀତିକ ସମ୍ପର୍କର ନିର୍ଦ୍ଧାରଣ କରନ୍ତି ଏବଂ ବିଭିନ୍ନ ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରନ୍ତି । ଏଗୁଡିକରେ ପ୍ରଶାସନିକ ସେବା ଅନ୍ତର୍ଭୁକ୍ତ ଯାହାର ଉପଯୋଗ ଅନେକ କାର୍ଯ୍ୟ ଯଥା:- ରାଜସ୍ୱ ସଂଗ୍ରହ, ସେନା ତଥା ନ୍ୟାୟପାଳିକା ପାଇଁ କରାଯାଏ । ଶାସକମାନେ ଜନସାଧାରଣଙ୍କର ହୃଦବୋଧ କରନ୍ତି ଯେ ସେମାନେ ଯେଉଁ ସରକାରର ପ୍ରତିନିଧି ତାହାହିଁ ଏକ ଆଦର୍ଶ ସରକାର । ଅନ୍ୟ ଶବ୍ଦରେ କହିବାକୁ ଗଲେ ସେମାନେ ରାଷ୍ଟ୍ରର ଅସ୍ତିତ୍ୱକୁ ବିଧିସଂଗତ ବୋଲି ଆଖ୍ୟା ଦେବା ପାଇଁ ଚେଷ୍ଟା କରନ୍ତି । ରାଷ୍ଟ୍ରର ବିକାଶ ପାଇଁ ଏକ ଲମ୍ବା ସମୟ ତଥା ବିଭିନ୍ନ ବାଟ ମଧ୍ୟଦେଇ ହୋଇଥିଲା । ଉକ୍ତ ପାଠ୍ୟକ୍ରମରେ ଆମ୍ଭେ ଏହି ମହାଦେଶର କିଛି ପୁରାତନ ପ୍ରବୃତିର ଅନୁସନ୍ଧାନ କରିବା ।

## ଉଦ୍ଦେଶ୍ୟ

ଉକ୍ତ ପାଠ ଅଧ୍ୟୟନ କଳାପରେ ତୁମେ:-

ସରଦାରୀ ଏବଂ ରାଜ୍ୟ ମଧ୍ୟରେ ଅନ୍ତର ଜାଣିପାରିବ ।

ପ୍ରାରମ୍ଭିକ ରାଜ୍ୟର ବିଶେଷତ୍ୱକୁ ଉଲ୍ଲେଖ କରିପାରିବ

କିଛି ପ୍ରାରମ୍ଭିକ ରାଜ୍ୟ କିପରି ଶକ୍ତିଶାଳୀ ରାଜ୍ୟରେ ପରିଣତ ହେଲା, ଏହାର ଉଲ୍ଲେଖ କରିପାରିବ ।

## ୨୯.୧ ପୃଷ୍ଠଭୂମି

ପୂର୍ବ ପାଠ୍ୟକ୍ରମରେ ତୁମ୍ଭେ ହରପ୍ପା ସଭ୍ୟତା ବିଷୟରେ ପଢ଼ିଛ । ଏହା ଅତ୍ୟଧିକ ବିକଶିତ ଥିଲା ଯେଉଁଠାରେ ବଡ ବଡ ସହର ଥିଲା, ଲୋକମାନେ ବିଭିନ୍ନ ପ୍ରକାର ବସ୍ତୁର ଉତ୍ପାଦନ କରୁଥିଲେ । ହରପ୍ପା ସଭ୍ୟତାରେ ଏକ ରାଷ୍ଟ୍ର ସଂଗଠନ ଥିବାର ଅନେକ ବୁଦ୍ଧିଜିବୀ ମତ ପ୍ରକାଶ କରନ୍ତି । ଏହି ମତବାଦରେ ଅତ୍ୟଧିକ ସତ୍ୟ ଥିବାର ଆଶା କରାଗଲେ ମଧ୍ୟ ଆମ୍ଭ ପାଖରେ ଏହାର କୌଣସି ପ୍ରମାଣ ନାହିଁ । ଯାହାଦ୍ୱାରା କି ପ୍ରକାର ରାଷ୍ଟ୍ର ଥିଲା ସେ ବିଷୟରେ ଆମ୍ଭେ କହି ପାରୁନୁ ଏବଂ ଶାସନ ସଂସ୍ଥା ବିଷୟରେ ମଧ୍ୟ ଆମ୍ଭ ପାଖରେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ ।

### (୧) ପ୍ରାରମ୍ଭିକ ବୈଦିକ ସାହିତ୍ୟରେ ସରଦାରୀ (Chiefdoms)

ତୁମ୍ଭେମାନେ ପୂର୍ବ ପାଠ୍ୟକ୍ରମରେ ଋକ୍‌ବେଦ ବିଷୟରେ ପଢ଼ିଛ (ପାଠ-୪) ଋକ୍‌ବେଦ ସମ୍ଭବତଃ ଖ୍ରୀଷ୍ଟପୂର୍ବ ୧୮୦୦ ଏବଂ ଖ୍ରୀଷ୍ଟପୂର୍ବ ୧୦୦୦ ମଧ୍ୟରେ ରଚନା କରାଯାଇଥିଲା । ଏହା ଏକ ସ୍ତୋତ୍ରମାନଙ୍କର ସଂଗ୍ରହ ଯାହାକି ବିଭିନ୍ନ ଦେବମାନଙ୍କୁ ବିଶେଷକରି ଅଗ୍ନି, ଇନ୍ଦ୍ର ଏବଂ ସୋମଙ୍କୁ ସମ୍ବୋଧନ କରାଯାଏ । ସାଧାରଣତଃ ସ୍ତୋତ୍ରଗୁଡିକର ରଚନା ପୁରୋହିତଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା ହୋଇଥିଲା । ଯଜ୍ଞ ସମୟରେ ତଥା ପୂଜା ଅର୍ଚ୍ଚନା ପାଇଁ ଦେବତାଙ୍କୁ ଆବାହନ କରିବା ସମୟରେ ଏଗୁଡିକୁ ଉଚ୍ଚାରଣ କରାଯାଇଥାଏ । ଅଧିକାଂଶ ସ୍ତୋତ୍ରଗୁଡିକ ସିନ୍ଧୁ ତଥା ଏହାର ଶଖା ନଦୀଗୁଡିକ ପ୍ରବାହିତ ହେଉଥିବା ଉତ୍ତର-ପଶ୍ଚିମ ଭାରତରେ ରଚନା କରାଯାଇଥିଲା ।

ଏହି ସ୍ତୋତ୍ରଠାରୁ ଅନ୍ୟ ବାର୍ତ୍ତା ମଧ୍ୟ ମିଳେ । ସେଗୁଡିକରୁ ଅନ୍ୟ ବସ୍ତୁର ସୂଚନା ମଧ୍ୟ ମିଳେ । ଯାହାପାଇଁ ଲୋକମାନେ ପ୍ରାର୍ଥନା କରନ୍ତି । ଏଥିସହିତ କେବେକେବେ ସେହି ସମୟର ମୁଖିଆ ଅଥବା ମୁଖ୍ୟ ଲୋକମାନଙ୍କର ନାମ ଜାଣିବାକୁ ମିଳେ ।

ଏହି ସ୍ତୋତ୍ରଗୁଡିକରୁ ଆମ୍ଭେ ରାଜନୈତିକ ପ୍ରକ୍ରୀୟା ବିଷୟରେ କିଛି ବାର୍ତ୍ତା ପାଉ କି? ଉତ୍ତର ହେଲା ହଁ ନିଶ୍ଚୟ । ରାଜନୈତିକ ଘଟଣା ବିଷୟରେ କିଛି ସିଧାସଳଖ ବାର୍ତ୍ତା ଉକ୍ତ ସ୍ତୋତ୍ରରୁ ମିଳେ ନାହିଁ (କେତେକ ଖୁବ୍ କ୍ୱଚିତ୍ ଘଟଣା ଛାଡି) । ଠିକ୍ ସେହି ସମୟରେ ଏହା ବୁଝିବା ପାଇଁ ସ୍ତୋତ୍ରଗୁଡିକୁ ବ୍ୟାଖ୍ୟା କଲେ କିପରି ଭାବରେ ରାଜନୈତିକ ସମ୍ପର୍କ ସ୍ଥାପନ କରାଯାଇଥିଲା ସେ ବିଷୟରେ ସବୁକଥା ଜଣାପଡେ ।

### (୨) ଭିନ୍ନ ପ୍ରକାର ରାଜାମାନେ

ସାଧାରଣତଃ ରାଜା ଶବ୍ଦ ବ୍ୟବହାର କଲେ ଆମ୍ଭ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ସେ ଜଣେ ମାନବ ଯେ ଏକ ରାଜପ୍ରାସାଦରେ ବାସ କରନ୍ତି । ତାଙ୍କର ବହୁସଂଖ୍ୟାରେ ଚାକରବାକର ତାଙ୍କର ବାଣୀକୁ ଅପେକ୍ଷା କରି ଥାଆନ୍ତି । ସେ ଜଣେ ଧନଶାଳୀ ବ୍ୟକ୍ତି ଏବଂ ସେ ଏକ ବିଶାଳ ସୈନ୍ୟବାହିନୀର ମୁଖ୍ୟ ଏବଂ ତାଙ୍କର ଏକ ଦରବାର ଥାଏ । ସାଧାରଣତଃ ଆମେ ଚିନ୍ତା କରୁ ଯେ ରାଜାମାନେ ତାଙ୍କର କ୍ଷମତାକୁ ଅଗ୍ରାଧିକାର ଭିତ୍ତିରେ ନିଜ ଜ୍ୟେଷ୍ଠ ପୁତ୍ରକୁ ହସ୍ତାନ୍ତର କରିଥାଆନ୍ତି । ତଥାପି ରାଜା ଶବ୍ଦର ଅର୍ଥ ସବୁବେଳେ ଏହା ହୋଇ ନଥାଏ ।

ଋକ୍ ବେଦର ଏହି ରାଜା ଶବ୍ଦକୁ କେତେକ ଦେବମାନଙ୍କର ବିଶେଷତା ରୂପେ ବ୍ୟବହୃତ ହୋଇଥାଏ । ଏହା ମଧ୍ୟ କୌଣସି ଶକ୍ତିଶାଳୀ ଲୋକଙ୍କୁ ବର୍ଣ୍ଣନା କରିବା ପାଇଁ କ୍ୱଚିତ୍ ବ୍ୟବହୃତ ହୋଇଥାଏ । ଏ ପ୍ରକାର ଲୋକମାନେ ଏକ ବିଶାଳ ସୈନ୍ୟବାହିନୀ ଅଥବା ଏକ ବୃହତ୍ତ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁନଥିଲେ । ସେମାନଙ୍କ କ୍ଷମତାର ମୁଖ୍ୟ ସ୍ରୋତ ଥିଲା ଯୁଦ୍ଧ ସମୟରେ ନେତୃତ୍ୱ ପ୍ରଦାନ । ଚାଲ ଦେଖିବା ଯୁଦ୍ଧ କାହିଁକି ହୁଏ ଏବଂ ଏହା ପରେ ପରେ କ'ଣ ଘଟିଥାଏ ।

### ୨୯.୧.୪-ଯୁଦ୍ଧ

ତୁମର ହୁଏତ ମନେପଡୁଥିବ ଯେ ଋକ୍‌ବେଦ ସୂଚନା ଦିଏ ଯେ ସେ ସମୟରେ ଲୋକମାନେ ମୁଖ୍ୟତଃ ଚାଷୀ ଥିଲେ । ଏଣୁ ଆମେ ଜାଣୁଅଛୁ ଯେ ଗୋଚର ଭୂମି ଦଖଲ କରିବା ପାଇଁ କେତେକ ଯୁଦ୍ଧ ହୋଇଥିଲା । ସାଧାରଣତଃ ଉତ୍ତମ ଗୋ-ଚର ଭୂମି ନଦୀର ପାର୍ଶ୍ୱରେ ଥାଏ ।

ଲୋକ ଏବଂ ପଶୁମାନଙ୍କ ପାଇଁ ପାଣି, ଜମି ଓ ଗୋ ସମ୍ପଦର ଅଧିକାର ପାଇଁ, ଚାରଣ ଭୂମି ଏବଂ ଶୀଘ୍ର ଅମଳ ହେବା ଫସଲ ଯଥା ବାଜରା ଉତ୍ପାଦନ ପାଇଁ ସାଧାରଣତଃ ଯୁଦ୍ଧ ହୋଇଥାଏ । ଏହା ବ୍ୟତୀତ ବଳପୂର୍ବକ ସ୍ତ୍ରୀମାନଙ୍କୁ କରଗତ କରିବା ପାଇଁ ଯୁଦ୍ଧ ହୋଇଥାଏ ।

ଅଧିକାଂଶ ପୁରୁଷମାନେ ଏହି ଯୁଦ୍ଧରେ ଭାଗ ନେଇ ଥାଆନ୍ତି । ସେତେବେଳେ କୌଣସି ନିୟମିତ ସୈନ୍ୟବାହିନୀ ନଥିଲା କିନ୍ତୁ ସଭାଗୁଡିକ ଥିଲା ଯେଉଁଠାରେ ଲୋକମାନେ ସମ୍ମିଳିତ ହୋଇ ଯୁଦ୍ଧ ଓ ଶାନ୍ତି ବିଷୟରେ ଆଲୋଚନା କରୁଥିଲେ । ସେମାନେ ନେତା ପାଇଁ ସାହସୀ ଓ କୁଶଳୀ ଯୋଦ୍ଧାକୁ ଚୟନ କରୁଥିଲେ । ବେଳେବେଳେ ସେମାନେ ଯୁଦ୍ଧରେ ଜୟ ଲାଭ ପାଇଁ ବିଶେଷ ଯଜ୍ଞର ଆୟୋଜନ କରିବା ସହିତ ଦେବତାମାନଙ୍କୁ ପ୍ରାର୍ଥନା କରୁଥିଲେ ।

ରାଜା ନିଜ ଲୋକଙ୍କୁ ଯୁଦ୍ଧରେ ଜୟଯୁକ୍ତ କଲେ କ'ଣ ଘଟୁଥିଲା ? ଅଧିକୃତ ଜମି ତଥା ପ୍ରବେଶ ପାଇଥିବା ଜଳସ୍ରୋତ ଇତ୍ୟାଦି ସାମୁହିକ ଉପଯୋଗ ପାଇଁ ବ୍ୟବହୃତ ହେଉଥିଲା । ଅନ୍ୟ ଜିନିଷ ଯଥା:-ଗାଇ ଏବଂ ସ୍ତ୍ରୀମାନଙ୍କୁ ସମ୍ଭବତ ରାଜାଙ୍କର ସମର୍ଥକଙ୍କ ମଧ୍ୟରେ ବଣ୍ଟା ଯାଉଥିଲା ।

ଏଥି ମଧ୍ୟରୁ କିଛି ଅଂଶ ସେହି ପୁରୋହିତମାନଙ୍କୁ ଦିଆଯାଉଥିଲା ଯେଉଁମାନେ ରାଜାଙ୍କର ବିଜୟ ପାଇଁ ଯାଗଯଜ୍ଞ କରୁଥିଲେ ତଥା ନିଜ ରାଜାଙ୍କୁ ସାହାଯ୍ୟ ପ୍ରଦାନ କରି ବିଜୟୀ କରିଥିବା ହେତୁ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜାର୍ଚ୍ଚନା କରୁଥିଲେ ।

ସେମାନେ କାହା ସହିତ ଯୁଦ୍ଧ କରୁଥିଲେ ? ଋକ୍‌ବେଦରେ ଅନେକ ଗୋଷ୍ଠୀର ନାମ ଉଲ୍ଲେଖ ଅଛି । ଏମାନଙ୍କ ମଧ୍ୟରେ ପୌରୁଷ, ଯାଦବ, ଭରତ, ଅନୁ ତଥା ଦୃହସ୍ ଅନ୍ତର୍ଗତ । ସମୟ ସମୟରେ ଏହି ଗୋଷ୍ଠୀମାନେ ପରସ୍ପର ସହିତ ଏକତ୍ରୀତ ହୁଅନ୍ତି ଅଥବା ପରସ୍ପର ମଧ୍ୟରେ ଯୁଦ୍ଧ କରନ୍ତି । ବେଳେବେଳେ ନିଜକୁ ଆର୍ଯ୍ୟ ବୋଲି ଅଭିହିତ କରି ଅନ୍ୟ ସହିତ ଲଢୁଥିଲେ ଯାହାକୁ ସେମାନେ ଦାସ ବା ଦସ୍ୟୁ ବୋଲି କହୁଥିଲେ ।

ଆମ୍ଭେ ଦେଖିବାକୁ ପାଉଁ ଯେ ସେମାନେ ସାଧାରଣ ଲୋକଙ୍କ ପାଇଁ ଦୁଇଟି ଶବ୍ଦର ବ୍ୟବହାର କରୁଥିଲେ । ଗୋଟାଏ ହେଲା "ଜନ" ଯାହାକି ଏବେ ହିନ୍ଦି ଓ ଅନ୍ୟାନ୍ୟ ଭାଷାରେ ବ୍ୟବହୃତ ହେଉଛି । ଅନ୍ୟଟି ହେଲା "ଭିସ୍" (VIS) । ସାଧାରଣତଃ ରାଜାଙ୍କ ଉଲ୍ଲେଖ ଜନ ଅଥବା ଭିସ୍‌ର ରାଜା ହିସାବରେ କରାଯାଇଥିଲା । ଅନ୍ୟ ଶବ୍ଦରେ କହିବାକୁ ଗଲେ ରାଜାଙ୍କୁ କୌଣସି ରାଜ୍ୟ ବା କୌଣସି ନିର୍ଦ୍ଧାରିତ କ୍ଷେତ୍ରରେ ରାଜା ହିସାବରେ ବିବେଚନା କରାଯାଉ ନଥିଲା । ବରଂ ସେ ଏକ ଗୋଷ୍ଠୀର ରାଜା ଥିଲେ ।

ଆମ୍ଭେ ଦେଖିଲୁ ଯେ ଉକ୍ତ ରାଜାମାନେ ଆମ୍ଭେ ପରିଚିତ ଥିବା ରାଜାମାନଙ୍କ ଭଳି ନଥିଲେ । ସେମାନଙ୍କୁ ରାଜା ବଦଳରେ ମୁଖିଆ ଅଥବା ସର୍ଦ୍ଦାର କୁହାଯାଉଥିଲା ଏବଂ ସେମାନେ କ୍ଷମତା ବିସ୍ତାର କରିଥିବା ଅଞ୍ଚଳକୁ ରାଷ୍ଟ୍ର ବଦଳରେ ମୁଖିଆଙ୍କ ଅଞ୍ଚଳ (Chiefdom) କୁହାଗଲା ।

ସାଧାରଣତଃ ମୁଖିଆମାନେ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ କିନ୍ତୁ ରାଜାମାନେ ବଂଶାନୁଗତିକ ଥିଲେ ।

ମୁଖିଆମାନଙ୍କର ସାଧାରଣତଃ ତାଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ପ୍ରଶାସନିକ ବ୍ୟବସ୍ଥା ନଥିଲା । ସେମାନେ ନିଜ କୁଟୁମ୍ବ ଏବଂ ଅନ୍ୟ ଅନୁଗାମୀମାନଙ୍କ ଉପରେ ନିର୍ଭର କରୁଥିଲେ ।

ଯେତେବେଳେ ରାଜାମାନେ ସହାୟତା ପାଇଁ ନିଜର ବନ୍ଧୁବର୍ଗଙ୍କ ଉପରେ ନିର୍ଭର କରିବା ସହିତ ତାଙ୍କଠାରେ ଥିବା ପ୍ରଶାସନିକ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ ।

ମୁଖିଆମାନେ ନିୟମିତ କର ଆଦାୟ କରିପାରୁନଥିଲେ । ସେ ପ୍ରାୟ ତାଙ୍କ ଅନୁଗାମୀମାନଙ୍କର ଉପହାର ସ୍ୱରୂପ ଦେୟ ଉପରେ ନିର୍ଭର କରୁଥିଲେ । ସେହି ସମୟରେ ରାଜାମାନେ ଉପହାର ସହିତ ତାଙ୍କର ଆୟର ମୁଖ୍ୟ ଧାରା ସାଧାରଣତଃ ଟିକସ ଆଦାୟ ଉପରେ ନିର୍ଭର କରୁଥିଲା ।

ମୁଖିଆମାନେ ସ୍ଥାୟୀ ସୈନ୍ୟବାହିନୀ ରଖି ନଥିଲେ । ସେମାନେ ନାଗରିକ ସେନା ଉପରେ ନିର୍ଭର କରୁଥିଲେ । ଏଥିରେ ଲୋକମାନଙ୍କୁ ଦରକାର ସମୟରେ ଯୁଦ୍ଧ କରିବାକୁ ଡକା ଯାଇଥାଏ । ତେଣୁ ସେମାନଙ୍କର ନିୟମିତ ଭାବେ ବେତନ ଦିଆ ଯାଉ ନଥିଲା । ରାଜାମାନେ ନାଗରିକ ସେନା ପାଇଁ ଲୋକଙ୍କୁ ନିଯୁକ୍ତି ଦେବା ସହିତ ସେମାନଙ୍କର ଏକ ସ୍ଥାୟୀ ସେନାବାହିନୀ ରଖୁଥିଲେ ।

ମୁଖିଆମାନେ ଲୋକମାନଙ୍କ ସହିତ ସଭାରେ ଆଲୋଚନା କରୁଥିଲେ । ଯେଉଁଠାରେ ଲୋକମାନେ ମହତ୍ୱପୂର୍ଣ୍ଣ ବିଷୟ ଉପରେ ନିଜ ନିଜର ମତ ବ୍ୟକ୍ତ କରୁଥିଲେ ରାଜାମାନେ ମଧ୍ୟ ଏହି ସଭାରେ ଭାଗ ନେଉଥିଲେ କିନ୍ତୁ ଏହା ପୁରାପୁରି ଆନୁଷ୍ଠାନିକ ଥିଲା ।

### ୨୯.୧ ପାଠଗତ ପ୍ରଶ୍ନ

୧) ରକ୍‌ବେଦର ରଚନା ସମ୍ଭବତଃ..........ରୁ............ଖ୍ରୀ:ପୂ: ମଧ୍ୟରେ ହୋଇଥିଲା ।

୨) ସ୍ରୋତ୍ରେରେ............ଘଟଣା ବିଷୟରେ ପ୍ରତ୍ୟକ୍ଷ ବିବରଣୀ ମିଳୁନାହିଁ ।

୩) ସାଧାରଣତଃ ଉତ୍କୃଷ୍ଟ ଚାରଣ ଭୂମି............କୂଳରେ ଅବସ୍ଥିତ ।

୪) ନିଜକୁ ଆର୍ଯ୍ୟ କହୁଥିବା ଲୋକ ଅନ୍ୟମାନଙ୍କ ସହିତ ଯୁଦ୍ଧ କରୁଥିଲେ ଯାହାକୁ ଏମାନେ........ ଅଥବା...........କହୁଥିଲେ ।

## ୨୯.୨ ପ୍ରାରମ୍ଭିକ ରାଷ୍ଟ୍ର: ଜନପଦ

ଖ୍ରୀ:ପୂ: ୧୦୦୦ ଏବଂ ୫୦୦ ମଧ୍ୟରେ ଉତ୍ତର ଭାରତରେ କେତେକ ମହତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ଏବେ ଆମ୍ଭେ ପାଉଛୁ ଯେ ଅନେକ ବସ୍ତିର ବିକାଶ ହୋଇଥିଲା ଯାହାଙ୍କ ଚିତ୍ରୀତ ମାଟିପାତ୍ର (Pointed Grey ware) ସଂସ୍କୃତି ସହିତ ଜଡିତ ଥିଲା । ଯାହା ବିଷୟରେ ତୁମ୍ଭେମାନେ ପାଠ୍ୟକ୍ରମ ୫ରେ ପଢ଼ିଅଛ । ଅନ୍ୟ ପକ୍ଷରେ ସ୍ଥାୟୀ କୃଷି ଅଧିକ ମହତ୍ୱପୂର୍ଣ୍ଣ ହୋଇଥିଲା । ଜନସମୁଦାୟର ବିକାଶ ହେବା ସହିତ ହତିଆର ସରଞ୍ଜାମ ସହିତ ଅସ୍ତ୍ର ଶସ୍ତ୍ର ତିଆରିରେ ଲୁହାର ବହୁଳ ବ୍ୟବହାର ହେଉଥିଲା ।

ଆମ୍ଭପାଖରେ ଏକ ବିସ୍ତୃତ ବିଷୟବସ୍ତୁ ଗଚ୍ଛିତ ଅଛି ଯାହାକୁ ପରବର୍ତ୍ତୀ ବୈଦିକଯୁଗର ସାହିତ୍ୟ କୁହାଯାଏ । ଏହି ଗ୍ରନ୍ଥରେ ଧାର୍ମିକ ଅନୁଷ୍ଠାନ, ଏହାର ବ୍ୟାଖ୍ୟା ଏବଂ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ସେଗୁଡିକୁ କିପରି ଆନୁଷ୍ଠାନିକ ଭାବେ ସମ୍ପନ୍ନ କରାଯିବ ତାହା ମଧ୍ୟ ଉଲ୍ଲେଖ ଅଛି । ସେଗୁଡିକରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ ରାଜନୈତିକ ସଙ୍ଗଠନର ଏକ ନୂତନ ରୂପ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉକ୍ତ ସଂଗଠନକୁ ଜନପଦ କୁହାଯାଏ ।



ଟିପ୍ପଣୀ

ଏହା ଭାବିବା ସ୍ୱାଭାବିକ ଯେ ଜନପଦ ଶବ୍ଦଟି ଜନ ଶବ୍ଦରୁ ଉଦ୍ଭୃତ । ଯାହାକି ବ୍ୟକ୍ତି ସହିତ ଜଡିତ । ବାସ୍ତବରେ ଜନପଦର ଅର୍ଥ ହେଲା ସେହି ସ୍ଥାନ ଯେଉଁଠାରେ ଲୋକ ସମାଜ ସ୍ଥାୟୀ ରୂପେ ବସବାସ କଲେ । କ୍ରମେ ସେଇ ଭୂମିର ନାମ ସେମାନଙ୍କ ନାମ ସହିତ ଜଡିତ ହେଲା । ଉଦହରଣ ସ୍ୱରୂପ ଯେଉଁ ସ୍ଥାନରେ କୁରୁମାନେ ବସବାସ କଲେ ସେହି ଭୂମିକୁ କୁରୁ ଜନପଦ କୁହାଗଲା ।

ଜନପଦର ଅନ୍ୟ ଏକ ବିଶେଷଣ ଥିଲା । ଏହି ସ୍ଥାନରେ ରହୁଥିବା ଲୋକମାନଙ୍କର ବର୍ଣ୍ଣ ଅନୁସାରେ ଶ୍ରେଣୀ ବିଭାଗ ହୋଇଥିଲା । ଏହି ଚତୁର୍ବର୍ଗୀୟ ସାମାଜିକ ବର୍ଗୀକରଣ ବିଷୟରେ ତୁମ୍ଭେମାନେ ପାଠ୍ୟକ୍ରମ ୪ରେ ପଢ଼ିଅଛ ।

## ୨୯.୩ ରାଜା ହେବାର ନୂତନ ଉପାୟ

ଜନପଦର ନେତା ବା ମୁଖିଆକୁ ରାଜା କୁହାଯାଉଥିଲା । କିନ୍ତୁ କେତେକ ମହତ୍ୱପୂର୍ଣ୍ଣ ଉପାୟ ଥିଲା ଯାହାପାଇଁ ରାଜା ଜନଠାରୁ ଭିନ୍ନ ଥିଲେ । ପ୍ରାରମ୍ଭରୁ ଆମ୍ଭକୁ ସଙ୍କେତ ଦିଆଯାଇଅଛି ଯେ କମ୍ ସେ କମ୍ କିଛି କ୍ଷେତ୍ରରେ ରାଜାଙ୍କ ପଦ ବଂଶାନୁକ୍ରମିକ ହୋଇଥିଲା । ଅନ୍ୟ ଶବ୍ଦରେ କହିବାକୁ ଗଲେ ପୁତ୍ର ବଂଶାନୁଗତ ଅଥବା ଆଇନ ଅନୁଯାୟୀ ପିତାଙ୍କ ରାଜ୍ୟ ଉପରେ ଦାବି କରୁଥିଲା ।

ଦ୍ୱିତୀୟତଃ ବର୍ତ୍ତମାନ ଆମ୍ଭେ ବିସ୍ତୃତ ଧାର୍ମିକ ଅନୁଷ୍ଠାନର ଉଲ୍ଲେଖ ପାଉଅଛୁଁ ଯାହା ମଧ୍ୟରେ ରାଜସୂୟ ଏବଂ ଅଶ୍ୱମେଧ ହେଉଛି ସର୍ବାଧିକ ପ୍ରସିଦ୍ଧି । ଏଗୁଡିକ ବହୁ ଲମ୍ବା ସମୟ ଧରି ଚାଲିଥାଏ ବେଳେବେଳେ ଏହା ଏକ ବର୍ଷଠାରୁ ଅଧିକ ସମୟ ଧରି ଚାଲିଥାଏ । କେବଳ ବିଶେଷଭାବେ ପ୍ରଶିକ୍ଷିତ ପୁରୋହିତ ଏହାକୁ ସମ୍ପନ୍ନ କରୁଥିଲେ । ବୈଦିକ ସାହିତ୍ୟର ରଚନା ତଥା ସଂକଳନ କରିଥିବା ପୁରୋହିତଙ୍କ କହିବା ଅନୁସାରେ ଉକ୍ତ ବ୍ୟାପକ ଧାର୍ମିକ ଅନୁଷ୍ଠାନକୁ ସମ୍ପନ୍ନ କରିବା ପାଇଁ ସକ୍ଷମ ବ୍ୟକ୍ତିଙ୍କୁ ହିଁ ରାଜା ହିସାବରେ ମାନ୍ୟତା ପ୍ରଦାନ କରାଯାଏ ।

ଉକ୍ତ ଯଜ୍ଞରେ ଅନେକ ଲୋକ ଭାଗ ନେଉଥିଲେ । ଏଥିରେ ରାଜା ମଧ୍ୟ ସମ୍ମିଳିତ ହେଉଥିଲେ । ନିଜର ଶକ୍ତିକୁ ଘୋଷଣା କରିବା ପାଇଁ ଏହାହିଁ ଥିଲା ମହତ୍ୱପୂର୍ଣ୍ଣ ସୁଯୋଗ । ଉକ୍ତ ଯଜ୍ଞରେ ରାଜାଙ୍କ ପରିବାର ବିଶେଷ କରି ତାଙ୍କର ପତ୍ନୀମାନେ ଏବଂ ପୁତ୍ରମାନେ ସହାୟତା କରୁଥିଲେ । ରଥର ସାରଥି ପରିବାରର ପୁରୋହିତ, ସେନାପତି ଏବଂ ଦୂତ ସହିତ ଅନେକ ଅନ୍ୟ ସହାୟକମାନେ ଏଥିରେ ଯୋଗଦାନ କରୁଥିଲେ । ସର୍ବସାଧାରଣ, ଭିସ୍ ଓ ଭିଷୟମାନେ ରାଜାଙ୍କ ପାଇଁ ଉପହାର ନେଇ ଆସିବେ ବୋଲି ଆଶା କରାଯାଉଥିଲା କାରଣ ଏମାନେ ଯଜ୍ଞ ପାଇଁ ଆବଶ୍ୟକ ଥିବା ବିଶାଳ ଧନରାଶିର ଅଧିକାଂଶ ପ୍ରଦାନ କରୁଥିଲେ । ପଡୋଶୀ ରାଜାମାନଙ୍କୁ ମଧ୍ୟ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରିତ କରାଯାଉଥିଲା । ବାସ୍ତବରେ ପୁରୋହିତମାନେ ସମଗ୍ର ଅନୁଷ୍ଠାନକୁ ସମ୍ପନ୍ନ କରୁଥିଲେ ।

ଶୁଦ୍ରମାନେ ଏହି ଧାର୍ମିକ ଅନୁଷ୍ଠାନରେ ଭାଗ ନେଉଥିଲେ କି ? ବେଳେବେଳେ ସେମାନଙ୍କୁ ଉକ୍ତ ଧାର୍ମିକ ଅନୁଷ୍ଠାନରେ ଛୋଟ ଭୂମିକା ପ୍ରଦାନ କରାଯାଉଥିଲେ ମଧ୍ୟ ଅନେକ ସମୟରେ ସେମାନଙ୍କୁ ଏଥିରୁ ବାଦ ଦିଆଯାଉଥିଲା । ଯଦିଓ କିଛି ଲୋକ ଏଥିରେ ଅଂଶ ଗ୍ରହଣ କରୁଥିଲେ ସେମାନଙ୍କ କାର୍ଯ୍ୟ କଳାପ ନିଜ ନିଜର ଦାୟୀତ୍ୱ ସହିତ ସୀମିତ ଥିଲା । ଉଦାହରଣ ସ୍ୱରୂପ



ଟିପ୍ପଣୀ



ବୈଶ୍ୟମାନେ ପୁରୋହିତର କାମ କରି ପାରୁ ନଥିବା ବେଳେ ରାଜାଙ୍କ ସ୍ତ୍ରୀ ତାଙ୍କ ସ୍ଥାନ ନେଇ ପାରୁନଥିଲେ ।

ଉକ୍ତ ଧାର୍ମିକ ଅନୁଷ୍ଠାନର ଆବଶ୍ୟକତା କ'ଣ ଥିଲା ? ଅଶ୍ୱମେଧ ବା ଘୋଟକ ବଳୀଦାନ ସମୟରେ ଯଜ୍ଞୀୟ ଘୋଡାକୁ ଅସ୍ତ୍ରଶସ୍ତ୍ରଧାରୀ ଲୋକଙ୍କ ସହିତ ଏକ ବର୍ଷ ପାଇଁ ବିଚରଣ କରିବାକୁ ଛାଡି ଦିଆଯାଏ । ଯେଉଁମାନେ ଘୋଡାକୁ ଯିବା ପାଇଁ ଛାଡି ଦିଅନ୍ତି ସେମାନେ ନିଜର ପ୍ରଭୂ ଭାବରେ ମୌନ ସମ୍ମତି ପ୍ରଦାନ କରିଥାଆନ୍ତି । ଘୋଡାକୁ ଫେରେଇ ଅଣାଗଲା ପରେ ତାକୁ ଏକ ବିସ୍ତୃତ ଧର୍ମାନୁଷ୍ଠାନରେ ବଳି ଦିଆଯାଏ । ଅନ୍ୟାନ୍ୟ ରାଜା ମହାରାଜା ଓ ପୁରୋହିତ ଏବଂ ସାଧାରଣ ଲୋକଙ୍କ ସହିତ ବହୁ ସଂଖ୍ୟକ ଲୋକଙ୍କୁ ଏଥିରେ ଭାଗ ନେବା ଅଥବା ଦେଖିବା ପାଇଁ ଆମନ୍ତ୍ରଣ କରାଯାଇଥାଏ । ସେଠାରେ ଭୋଜନୋତ୍ସବ ପର୍ବ ଏବଂ ଗପ ଶୁଣା ହେଉଥିଲା । ଅନ୍ୟ ଅର୍ଥରେ କହିଲେ ଏହା ଏକ ଅତ୍ୟନ୍ତ ବ୍ୟୟବହୁଳ ଅନୁଷ୍ଠାନ ଥିଲା ।

ଏହିପରି ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଇଚ୍ଛୁକ ଉଚ୍ଚାକାଙ୍କ୍ଷୀ ରାଜାମାନେ ଶକ୍ତିଶାଳୀ ସହିତ ଧନବାନ ମଧ୍ୟ ହେବା ଆବଶ୍ୟକ । ପୁରୋହିତମାନଙ୍କୁ ଅତ୍ୟଧିକ ଯଜ୍ଞ ପାଉଣା ଅଥବା ଦକ୍ଷିଣା ଦେଇ ପୁରସ୍କୃତ କରୁଥିଲେ । ପୁରସ୍କାର ମଧ୍ୟରେ ଅନ୍ୟାନ୍ୟ ଜିନିଷ ବ୍ୟତୀତ ଘୋଡା, ଗାଇ, ସ୍ୱର୍ଣ୍ଣ ଓ ରୂପା ଜିନିଷ, ରଥ, ଲୁଗାପଟା ଏବଂ ଦାସ ଓ ଦାସୀ ଆଦି ଅନ୍ତର୍ଭୁକ୍ତ ଥିଲା । ଏହିପରି ଭାବରେ ଉକ୍ତ ଧାର୍ମିକ ଅନୁଷ୍ଠାନକୁ ସଫଳତାପୂର୍ଣ୍ଣ ସମ୍ପୂର୍ଣ୍ଣ କରି ରାଜା ସାର୍ବଜନିକ ଘୋଷଣା କରିବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ ନିଜର ଶକ୍ତିର ମଧ୍ୟ ପ୍ରଦର୍ଶନ କରିଥାଆନ୍ତି ।

ଏଭଳି ଅନେକ ଧାର୍ମିକ ଅନୁଷ୍ଠାନମାନଙ୍କ ମଧ୍ୟରେ ଅଭିଷେକ ଅନ୍ତର୍ଭୁକ୍ତ ଥିଲା । ଏହାର ଅର୍ଥ ହେଲା ରାଜାଙ୍କ ଉପରକୁ ଶୁଦ୍ଧ ପବିତ୍ର ଜଳ ସିଞ୍ଚନ କରିବା । ପୁରୋହିତ ପ୍ରଥମେ ସିଞ୍ଚନ କଲାପରେ ବୈଶ୍ୟ ଓ ରାଜାଙ୍କର ସମ୍ପର୍କୀୟମାନେ ଉକ୍ତ ପ୍ରକ୍ରିୟାରେ ଭାଗ ନେଇ ପାରୁଥିଲେ ।

ତୁମେ ଦେଖିପାରିବ ବର୍ତ୍ତମାନ ଜନସଭାଦ୍ୱାରା ରାଜାଙ୍କୁ ଚୟନ କରିବାର ପ୍ରଶ୍ନ ଉଠୁନାହିଁ । କୌଣସି ରାଜ ପରିବାରରେ ଜନ୍ମିତ ବ୍ୟକ୍ତି ହିଁ ରାଜା ହୋଇପାରିବ କିମ୍ବା ଯେଉଁ ବ୍ୟକ୍ତି ପାଖରେ ପର୍ଯ୍ୟାପ୍ତ ସେନା ଏବଂ ଭୌତିକ ସମ୍ପଦର ଭଣ୍ଡାର ଥିବ ।

## ୨୯.୪ ଶାସନ ବ୍ୟବସ୍ଥାର ଅୟମାରମ୍ଭ

ପରବର୍ତ୍ତୀ ବୈଦିକ ଗ୍ରନ୍ଥରେ ବାରମ୍ବାର ବର୍ଣ୍ଣନା କରାଯାଇଥିବା ଧାର୍ମିକ ଅନୁଷ୍ଠାନଟି ହେଲା ରାଜସୂୟ । ଯଦି ତୁମ୍ଭେ ମହାଭାରତ କାହାଣୀ ଜାଣିଥିବ ତୁମ୍ଭର ମନେପଡିପାରେ ଯେ ଏହି ରାଜସୂୟ ଏକ ମହାତ୍ୱପୂର୍ଣ୍ଣ ଯଜ୍ଞ ଅଟେ ଯାହାକୁ ଯୁଧିଷ୍ଠିର ସିଂହାସନ ଉପରେ ନିଜର ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ କରିଥିଲେ ।

ରାଜସୂୟର ଏକ ଅଂଶ ହିସାବରେ ରତ୍ନୀନାମ୍ ହଭିମ୍‌ସି (Ratinam Havimsi) ନାମକ ଏକ ବିଧିବିଧାନର ବର୍ଣ୍ଣନା କରାଯାଇଛି । ଏହା ଅନୁସାରେ ରାଜାଙ୍କୁ ରତ୍ନୀନ (ଏହାର ଆକ୍ଷରିକ ଅର୍ଥ ହେଲା ଯେଉଁମାନେ ରତ୍ନର ଅଧିକାରୀ)ଙ୍କ ପରି ମହତ୍ୱପୂର୍ଣ୍ଣ ଲୋକଙ୍କ ଘରକୁ ଯାଇ ଦାନ ଦେବାକୁ ପଡେ । ଏହି ମହତ୍ୱପୂର୍ଣ୍ଣ ଲୋକମାନଙ୍କ ମଧ୍ୟରେ ରାଜାଙ୍କର ସ୍ତ୍ରୀମାନେ, ସେନାପତି, ମୁଖ୍ୟ ପୁରୋହିତ, ସାରଥୀ ତଥା ଦୂତ ଏବଂ ରାଜାଙ୍କ ତରଫରୁ ଦାନ ଆଦାୟ ଓ ଗ୍ରହଣ କରିବା ପାଇଁ ଲୋକମାନେ ସାମିଲ ହୋଇଥିଲେ ।



ଟିପ୍ପଣୀ

ଉକ୍ତ ପଦାଧିକାରୀଙ୍କ ପାଇଁ କୌଣସି ନିୟମିତ ବେତନ ବ୍ୟବସ୍ଥାର ବର୍ଣ୍ଣନା ନାହିଁ। ତଥାପି ଏମାନଙ୍କ କାର୍ଯ୍ୟରୁ ଆମେ ଅନୁମାନ କରିପାରୁଛୁ ଯେ ଏମାନଙ୍କ ମଧ୍ୟରୁ କେତେକ ଏକ କେନ୍ଦ୍ର ସ୍ଥାପନ କରିଥିଲେ ଯେଉଁଠାରୁ ପରବର୍ତ୍ତୀ ପ୍ରଶାସନିକ ବ୍ୟବସ୍ଥା ବିକଶିତ ହେଲା। ଉପମହାଦେଶର ଇତିହାସରେ ବର୍ଣ୍ଣିତ ପ୍ରଥମ ସାମ୍ରାଜ୍ୟ ଯାହାକୁ ମୌର୍ଯ୍ୟ ସାମ୍ରାଜ୍ୟ କୁହାଯାଏ ତା'ର କେନ୍ଦ୍ର ମଗଧରେ ହିଁ ଥିଲା। ମହାଜନପଦ ଜନପଦଠାରୁ କେତେ ପ୍ରକାରରେ ଭିନ୍ନ ଥିଲା। ଚାଲ ଏହି କେତେକ ଭିନ୍ନତା ଉପରେ ନଜର ପକାଇବା।

## ୨୯.୭ ସୁରକ୍ଷିତ ମହାନଗରୀ

ପ୍ରାୟ ସମସ୍ତ ମହାଜନପଦର ରାଜଧାନୀ ଥିଲା। ଜନପଦର ବସ୍ତିଗୁଡିକ ପରିବର୍ତ୍ତେ ଏଗୁଡିକରୁ ଅଧିକାଂଶ ନଗରୀଗୁଡିକ ସୁରକ୍ଷିତ ଥିଲା। ଏହାର ଅର୍ଥ ହେଲା ଯେ ନଗରଗୁଡିକର ଚାରିପାଖରେ କାଠ, ଇଟା ବା ପଥରର ବିଶାଳ ପାଚେରୀମାନ ତିଆରି କରାଯାଇଥିଲା।

ସହରରେ ବସବାସ କରୁଥିବା ଲୋକମାନଙ୍କ ବିଷୟରେ ଆମ୍ଭପାଖରେ କିଛି ଧାରଣା ଅଛି। ଏହି ଲୋକମାନଙ୍କ ମଧ୍ୟରେ ରାଜା ଓ ତାଙ୍କର ସମର୍ଥକ ତଥା କାରିଗର, ସୌଦାଗର,ବଣିକ ଏବଂ ଛୋଟ ଦୋକାନୀମାନେ ଥିଲେ। ଉକ୍ତ ସହରରେ ରହୁଥିବା କିଛି ପୁରୁଷ ଓ ସ୍ତ୍ରୀ ଲୋକମାନେ ଧନୀ ବ୍ୟକ୍ତି ଥିଲେ। ଆମ୍ଭେ ଜାଣିଥିବା ଆଜିକାଲିର ଅଧିକାଂଶ ସହରଗୁଡିକ ସେହି ସମୟରୁ ହିଁ ବିକଶିତ ହୋଇଥିଲା। ଏମାନଙ୍କ ମଧ୍ୟରେ ମଥୁରା, ବାରଣାସୀ, ବୈଶାଳୀ, ପାଟଳୀପୁତ୍ର ଅନ୍ତର୍ଗତ। ଉକ୍ତ ସହରଗୁଡିକ କୃଷିର ଉନ୍ନତି ଉପରେ ନିର୍ଭରଶୀଳ ଥିଲା ଏବଂ ଲୌହର କୃଷି ଯନ୍ତ୍ରପାତିର ବ୍ୟବହାର ଫଳରେ ଅଧିକ ଖାଦ୍ୟଶସ୍ୟର ଉତ୍ପାଦନ ସମ୍ଭବ ହୋଇଥିଲା।

ସହରର କେତେକ ଲୋକ ଶତ୍ରୁ ଆକ୍ରମଣକୁ ଭୟ ଏବଂ ସୁରକ୍ଷା ଆବଶ୍ୟକ କରୁଥିବାରୁ ସାଧାରଣତଃ ଦୁର୍ଗଗୁଡିକ ତିଆରି ହୋଇଥିଲା। କେତେକ ରାଜା ସମ୍ଭବତଃ ନିଜର ଧନ ତଥା ପରାକ୍ରମର ପରିପ୍ରକାଶ ପାଇଁ ଚାରିପାଖରେ ପ୍ରକୃତରେ ବିଶାଳ, ଉଚ୍ଚ ତଥା ହୃଦୟ ସ୍ପର୍ଶୀ ପାଚେରୀ ନିର୍ମାଣ କରୁଥିଲେ।

ଏ ଭଳି ବିଶାଳ ପାଚେରୀ ନିର୍ମାଣ ପାଇଁ ଏକ ବୃହତ ଯୋଜନା ବନାଇବା ଆବଶ୍ୟକ ପଡିଥିଲା। ଲକ୍ଷେ ପରବର୍ତ୍ତେ ହଜାର ସଂଖ୍ୟାରେ ପଥରର ଇଟା ତିଆରି କରିବାକୁ ପଡିଥିଲା। ଏହି କାର୍ଯ୍ୟ ପାଇଁ ହଜାର ହଜାର ସଂଖ୍ୟାରେ ପୁରୁଷ, ସ୍ତ୍ରୀ ଓ ବାଳକ ରୂପରେ ଏକ ବିଶାଳ ଶ୍ରମିକ ଗୋଷ୍ଠୀର ଉପଲବ୍ଧ ହୋଇଥିଲା। ଏ ସବୁର ଖର୍ଚ୍ଚ ପାଇଁ ଧନ ଯୋଗାଡ କରିବାକୁ ପଡିଥିଲା।

## ୨୯.୮ ନୂତନ ସେନାବାହିନୀ

ପ୍ରାମାଣିକ ତଥ୍ୟରୁ ଜଣାପଡେ ଯେ ପ୍ରାୟ ୩୩୦ ଖ୍ରୀ:ପୂ: ବେଳକୁ କେତେକ ଜନପଦରେ ବିଭିନ୍ନ ଭାବରେ ସେନାବାହିନୀକୁ ସଂଗଠିତ କରାଯାଇଥିଲା। ଏହା ସେହି ସମୟ ଥିଲା ଯେତେବେଳେ ଆଲେକଜାଣ୍ଡର, ଗ୍ରୀସର ଉତ୍ତରରେ ଥିବା ମାସିଡୋନ୍‌ର ରାଜା ବିଶ୍ୱବିଜୟ ପାଇଁ ଯାତ୍ରା ପ୍ରାରମ୍ଭ କରିବାକୁ ନିର୍ଣ୍ଣୟ ନେଇଥିଲେ। ଯେପରି ଆଶା କରାଯାଉଥିଲା ସେ ସାରା ବିଶ୍ୱକୁ ଜୟ କରି ପାରି ନଥିଲେ। ତଥାପି ସେ ମିଶର ଏବଂ ପଶ୍ଚିମ ଏସିଆର କିଛି ଅଂଶ ଜୟ କରି ଭାରତ ଉପମହାଦେଶରେ ପ୍ରବେଶ କରି ବିସ୍ (Beas) ନଦୀକୂଳରେ ପହଞ୍ଚିଥିଲେ।

ଯେତେବେଳେ ସେ ଅଧିକ ପୂର୍ବକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ତାଙ୍କ ସେନାବାହିନୀ ଏଥିରେ ସମ୍ମତି ହୋଇ ନଥିଲେ । ସେମାନେ ଏକଥା ଶୁଣି ଭୟଭୀତ ହୋଇଯାଇଥିଲେ ଯେ ଭାରତୀୟ ରାଜାମାନଙ୍କର ପଦାତିକ ସେନା ରଥ ଏବଂ ହସ୍ତୀମାନଙ୍କୁ ନେଇ ଏକ ବିଶାଳ ସୈନ୍ୟବାହିନୀ ରଖିଥିଲେ ।

ଏହି ସେନାବାହିନୀ ପୂର୍ବ ବର୍ଣ୍ଣିତ ସେନାମାନଙ୍କ ଠାରୁ ଭିନ୍ନ ଥିଲା । ରାଜା ଉକ୍ତ ସୈନ୍ୟ ବାହିନୀର ସାରାବର୍ଷର ଭରଣପୋଷଣ ଦାୟିତ୍ୱ ନେବା ସହିତ ସୈନିକମାନଙ୍କୁ ନିୟମିତ ଦରମା ପ୍ରଦାନ କରୁଥିଲେ । ଆମ୍ଭେ ଦେଖିବାକୁ ପାଉଁ ଯେ ବହୁସଂଖ୍ୟକ ହସ୍ତୀମାନଙ୍କର ଉପଯୋଗ କରାଯାଇଥିଲା । ହାତୀକୁ ଧରିବା, ପୋଷାମନାଇବ ତଥା ପ୍ରଶିକ୍ଷିତ କରିବା ବହୁ କଷ୍ଟଦାୟକ ଥିଲା । ସ୍ୱଷ୍ଟ ହେଲା ଯେ ବର୍ତ୍ତମାନର ସେନାବାହିନୀ ପୂର୍ବାପେକ୍ଷା ଅଧିକ ସୁସଜ୍ଜିତ ଏବଂ ସଂଗଠିତ ହୋଇଥିଲେ । ଏତେ ବିଶାଳ ସୈନ୍ୟବାହିନୀ ରଖିବା ପାଇଁ ଜନପଦକୁ ସାଧାରଣ ସେନାପାଇଁ ଉପେକ୍ଷିତ ସଂସାଧନ (resources) ଅପେକ୍ଷା ବହୁ ଅଧିକ ସଂସାଧନ (resources))ର ଆବଶ୍ୟକତା ପଡିଲା ।

ବୌଦ୍ଧ ଗ୍ରନ୍ଥରୁ ଜଣାଯାଏ ଯେ ମଗଧର ଶାସନକର୍ତ୍ତାମାନେ ସର୍ବୋତ୍ତମ ସେନାର ଗଠନ କରିଥିଲେ । ଏମାନେ ଜଙ୍ଗଲରେ ରହୁଥିବା ହସ୍ତୀମାନଙ୍କର ଉପଯୋଗ କରୁଥିଲେ । ଏମାନେ ନିଜ ରାଜ୍ୟର ଖଣିରୁ ପ୍ରାପ୍ତ ଲୌହର ମଧ୍ୟ ଉପଯୋଗ କରୁଥିଲେ । ଏହାଦ୍ୱାରା ସୈନ୍ୟମାନେ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ପାଇଲେ । ଜଣେ ଉଚ୍ଚାଭିଳାଷି ରାଜାଙ୍କ ଦ୍ୱାରା ପରିଚାଳିତ ଏକ ସୁସଜ୍ଜିତ ସେନାର ଅର୍ଥ ହେଲା ଯେ ମଗଧର ରାଜା ଅନ୍ୟ ରାଜାଙ୍କ ଉପରେ ବିଜୟ ହାସଲ କରି ପଡୋଶି ରାଜ୍ୟ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରିପାରିଲେ । ଅନ୍ୟ କେତେକ କ୍ଷେତ୍ରରେ ରାଜାମାନେ ସ୍ଥଳପଥ ତଥା ଜଳପଥଗୁଡିକୁ ଅଧିକାର କରି ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କରିଥିଲେ । ଅନ୍ୟ କେତେକ କ୍ଷେତ୍ରରେ ସେମାନେ ଉର୍ବର ଚାଷ ଜମି ଉପରେ ନିଜର ନିୟନ୍ତ୍ରଣ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲେ କାରଣ ଏହା ଅଧିକ ସଂସାଧନ ପାଇବା ପାଇଁ ଏକ ମହତ୍ୱପୂର୍ଣ୍ଣ ଉପାୟ ।

### ୨୯.୨ ପାଠଗତ ପ୍ରଶ୍ନ

୧) ପ୍ରାୟ ସମସ୍ତ ମହାଜନଗୁଡିକର ଏକ ................. ସହର ଥିଲା ।

୨) ଏତେ ବିଶାଳ ପାଚେରୀ ନିର୍ମାଣ କରିବା ପାଇଁ .......ର ଆବଶ୍ୟକତା ଥିଲା ।

୩) ଏହି ସହରମାନଙ୍କରେ ଲୌହର କୃଷି ଯନ୍ତ୍ରପାତି ବ୍ୟବହାର ଦ୍ୱାରା କୃଷିର ବିକାଶ ଜାରି ରହିଲା । ଏଠାରେ ଏବେ .........ଏବଂ ଅଧିକ ...... କରିବା ସମ୍ଭବ ହେଲା ।

୪) ଆଲେକ୍‌ଜାଣ୍ଡର ମିଶରର କିଛି ଅଂଶ, ପଶ୍ଚିମ ଏସିଆ ଅଧିକାର କରି ଭାରତ ଉପମହାଦ୍ୱୀପର.............କୂଳ ପର୍ଯ୍ୟନ୍ତ ପହଞ୍ଚିଥିଲେ ।

### ୨୯.୯ ନିୟମିତ କର

ମହାଜନପଦର ଶାସକମାନେ ବିଶାଳ ଦୁର୍ଗ ନିର୍ମାଣ କରୁଥିଲେ ଏବଂ ବିରାଟ ସେନାବାହିନୀ ରଖୁଥିଲେ । ଏଥିପାଇଁ ସେମାନେ ନିୟମିତ ଧନ ଆଗମନର ଆବଶ୍ୟକତା ଅନୁଭବ କରୁଥିଲେ । ସେଥିପାଇଁ ଟିକସ ଆଦାୟ କରିବା ମହତ୍ୱପୂର୍ଣ୍ଣ ହୋଇପଡିଥିଲା ।



ଟିପ୍ପଣୀ

- ଫସଲ ଉପରେ ଟିକସ ସର୍ବାଧିକ ମହତ୍ୱପୂର୍ଣ୍ଣ । ଏହାର କାରଣ ହେଲା ଅଧିକାଂଶ ଲୋକମାନେ ଚାଷୀ ଥିଲେ । ସେମାନେ ପ୍ରାୟ ସବୁବେଳେ ନିଜ ଜମି ତଥା ଫସଲର ସୁରକ୍ଷା ପାଇଁ ରାଜାଙ୍କ ଉପରେ ନିର୍ଭର କରୁଥିଲେ । ସାଧାରଣତଃ ଭୂମିଜାତ ଦ୍ରବ୍ୟ ଉପରେ ଏକ ଷଷ୍ଠାଂଶ (୧/୬ ଭାଗ) କର ଧାର୍ଯ୍ୟ ହୋଇଥିଲା । ଏହାକୁ "ଭାଗ" କୁହାଯାଏ ।
- ଶିଳ୍ପ ଉପରେ ମଧ୍ୟ କର ଲଗାଯାଇଥିଲା । ଏହି ଟିକସ ସାଧାରଣତଃ ଶ୍ରମ ରୂପରେ ଦେବାକୁ ପଡୁଥିଲା । ଉଦାହରଣ ସ୍ୱରୂପ ଜଣେ ତନ୍ତୀ ବା ଜଣେ କମାରକୁ ପ୍ରତି ମାସରେ ଏକ ଦିନ ସରକାରଙ୍କ ପାଇଁ କାମକରିବାକୁ ପଡୁଥିଲା । ଗୋପାଳକ ଠାରୁ ମଧ୍ୟ ଟିକସ ଅସୁଲ ଆଶାକରାଯାଉଥିଲା ।
- ବେପାର ପାଇଁ କିଣାବିକା ଯାଉଥିବା ଦ୍ରବ୍ୟ ଉପରେ ଟିକସ ଦେବାକୁ ପଡୁଥିଲା ।

ପ୍ରକୃତପକ୍ଷେ ରାଜା ଟିକସ ଆଦାୟ ପାଇଁ ଅନେକ କର୍ମଚାରୀଙ୍କୁ ଏବଂ ସେମାନଙ୍କ ଦରମା ଦେବାପାଇଁ ଅଧିକ ଧନର ଆବଶ୍ୟକତା ଉପଲବ୍ଧି କରୁଥିଲେ ।

କେତେକ ଟିକସ ଦ୍ରବ୍ୟ ଆକାରରେ ଆଦାୟ କରାଯାଉଥିଲା ଯଥା:-ଖାଦ୍ୟଶସ୍ୟ, ଗୋରୁଗାଈ କିମ୍ବା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ଭାବରେ । ବେଳେବେଳେ ଟିକସ ନଗଦ ପଇସା ଆକାରରେ ଆଦାୟ ହେଉଥିଲା । ବାସ୍ତବରେ କେତେକ ପ୍ରାଗ୍ ମୁଦ୍ରା ଏହି ଯୁଗର ଅଟେ ।

## ୨୯.୧୦ ମଗଧ ଏବଂ ଏହାର ଶାସକ

ପ୍ରାୟ ଦୁଇ ଶହ ବର୍ଷ ମଧ୍ୟରେ ମଗଧ ଏକ ଅତ୍ୟଧିକ ମହତ୍ୱପୂର୍ଣ୍ଣ ମହାଜନପଦରେ ପରିଣତ ହୋଇଥିଲା । ଏଥିପାଇଁ ମଗଧର ସେନା ଆଂଶିକ ରୂପରେ ଦାୟୀ । ଏହା ବ୍ୟତୀତ ମଗଧ ଗଙ୍ଗା ଏବଂ ସୋନ ନଦୀମାନଙ୍କ ଦ୍ୱାରା ପରିବେଷ୍ଟିତ । ଗମନାଗମନ ଜଳଯୋଗାଣ ତଥା ଉର୍ବର ଜମି ପାଇଁ ଏହାର ଅନେକ ମହତ୍ୱ ଥିଲା । ମଗଧର ଦୁଇଜଣ ଅତ୍ୟନ୍ତ ଶକ୍ତିଶାଳୀ ରାଜା ବିମ୍ବିସାର ଓ ତାଙ୍କ ପୁତ୍ର ଅଜାତଶତ୍ରୁ ଯେଉଁମାନେ କି ନିଜର ପ୍ରତିଦ୍ୱନ୍ଦୀ ତଥା ଅନ୍ୟାନ୍ୟ ଜନପଦ ଉପରେ ବିଜୟ ହାସଲ କରିବା ପାଇଁ ସମସ୍ତ ସମ୍ଭାବିତ ସାଧନାର ଉପଯୋଗ କରିଥିଲେ । ବେଳେବେଳେ ସେମାନେ ନିଜ ପଡୋଶି ରାଜାମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ଅନ୍ୟ ପକ୍ଷରେ ସେମାନେ ସୈନ୍ୟ ଚାଳନା କରି ବଳପୂର୍ବକ ପଡୋଶି ରାଜ୍ୟଗୁଡିକୁ ଜୟ କରିଥିଲେ । ମହାପଦ୍ମନନ୍ଦ ମଗଧର ଅନ୍ୟ ଜଣେ ମହତ୍ୱପୂର୍ଣ୍ଣ ରାଜା ଅଟନ୍ତି । ସେ ଉପମହାଦ୍ୱୀପର ଉତ୍ତର-ପଶ୍ଚିମ ପର୍ଯ୍ୟନ୍ତ ନିଜ ସାମ୍ରାଜ୍ୟକୁ ବିସ୍ତାର କରିଥିଲେ । ଏହା ବିଶ୍ୱାସ ଯୋଗ୍ୟ ଯେ ଆଲେକଜାଣ୍ଡରଙ୍କ ସୈନ୍ୟମାନେ ତାଙ୍କର ବିଶାଳ ସୈନ୍ୟବାହିନୀ ବିଷୟରେ ଶୁଣିବାକୁ ପାଇଥିଲେ ।

ମଗଧର ରାଜାମାନେ ବଡ ଧରଣର ଯଜ୍ଞର ଆୟୋଜନ କରିବା କଥା ଆମ୍ଭେ ଶୁଣିବାକୁ ପାଇନାହୁଁ । କ'ଣ ପାଇଁ ସେମାନେ ଏହି ବିସ୍ତୃତ, ଧାର୍ମିକ ଅନୁଷ୍ଠାନ କରୁନଥିଲେ ଏହାର କାରଣ ବିଷୟରେ ତୁମ୍ଭେ ଚିନ୍ତା କରିପାରିବ କି?

ଅଧିକାଂଶ ମହାଜନପଦଗୁଡିକ ବ୍ୟକ୍ତିଗତ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା ବେଳେ ଅନ୍ୟ



ଟିପ୍ପଣୀ

କେତେକ ଏକ ଭିନ୍ନ ପ୍ରକାର ସରକାରଙ୍କ ଅଧିନରେ ରହିଥିଲେ । ଏଗୁଡିକୁ ଗଣସଂଘ କୁହାଯାଏ । ସେଗୁଡିକରେ ଏକ ବଦଳରେ ଅନେକ ଶାସନକର୍ତ୍ତା ଥିଲେ । ମଜାକଥା ଏହା ଯେ ସମୟ ସମୟରେ ଏପରିକି ଏକ ହଜାର ପର୍ଯ୍ୟନ୍ତ ଲୋକମାନେ ଏକତ୍ର ଶାସନ କରୁଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ରାଜା କୁହାଯାଉଥିଲା ।

ଏହି ରାଜାମାନେ ଧାର୍ମିକ ଅନୁଷ୍ଠାନଗୁଡିକୁ ଏକତ୍ର ସମ୍ପନ୍ନ କରୁଥିଲେ । ଉକ୍ତ ଧାର୍ମିକ ଅନୁଷ୍ଠାନଗୁଡିକ ବୈଦିକ ଯଜ୍ଞ ଭଳି ନଥିଲା । ସେମାନେ ସଭାରେ ମିଳିତ ହେଉଥିଲେ ଏବଂ ଆଲୋଚନା ଏବଂ ଯୁକ୍ତିତର୍କ ମାଧ୍ୟମରେ କ'ଣ ଏବଂ କିପରି କରାଯିବା ଉଚିତ୍ ତାହା ଫଇସଲା କରୁଥିଲେ । ଉଦାହରଣ ସ୍ୱରୂପ ତାଙ୍କୁ ଶତ୍ରୁ ଆକ୍ରମଣ କଲେ ଉକ୍ତ ବିପଦର ସମ୍ମୁଖୀନ ହେବା ପାଇଁ କ'ଣ କରାଯିବ ସେ ବିଷୟରେ ଆଲୋଚନା କରିବା ପାଇଁ ନିଜ ନିଜର ସଭାରେ ମିଳିତ ହୁଅନ୍ତି । ସ୍ଥାୟୀ ସେନାବାହିନୀ ପ୍ରତିବଦଳରେ ଆମ୍ଭେ ଦେଖୁଁ ଯେ ଏହି ରାଜାମାନେ ଦରକାର ଅନୁସାରେ ନିଜ ନିଜର ଅନୁଗାମିମାନଙ୍କୁ ନେଇ ଏକ ସୈନ୍ୟବାହିନୀ ଗଠନ କରୁଥିଲେ ।

ଜନସଂଘ ଗୁଡିକର ସମସ୍ତ ଜମି ସମସ୍ତ ରାଜାମାନଙ୍କର ଯୌଥ ମାଲିକାନାରେ ଥାଏ । ଜମିକୁ ଚାଷ କରିବା ପାଇଁ ସେମାନେ କ୍ରୀତଦାସ ଓ ମଜୁରିଆମାନଙ୍କୁ ନିୟୋଜିତ କରୁଥିଲେ । ସେମାନଙ୍କୁ ଦାସ କର୍ମକାର କୁହାଯାଏ । ଉକ୍ତ ପୁରୁଷ ଓ ମହିଳାମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଦିଆଯାଉଥିଲା । କିନ୍ତୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଜିନିଷକୁ ରାଜାମାନେ ଏବଂ ତାଙ୍କର ବନ୍ଧୁବାନ୍ଧବମାନେ ନେଇ ଯାଉଥିଲେ ।

ସବୁଠାରୁ ଅଧିକ ଜନପ୍ରିୟ ଜନସଂଘ ମଧ୍ୟରେ ମଲ୍ଲ ଓ ଭଜ୍ଜି ଅନ୍ୟତମ ଭଜ୍ଜି ଜନସଂଘକୁ ଏକ ମହାଜନପଦ ହିସାବରେ ବିବେଚନା କରାଯାଏ । ପ୍ରସିଦ୍ଧ ନଗରୀ ବୈଶାଳୀ ଏହାର ରାଜଧାନୀ ଥିଲା । ବୁଦ୍ଧ ଏବଂ ମହାବୀର ଉଭୟ ଜନସଂଘ ସହିତ ଜଡିତ ଥିଲେ । ଜନସଂଘରେ ଜୀବନର ଏକ ସୁସ୍ପଷ୍ଟ ବର୍ଣ୍ଣନା ବୌଦ୍ଧ ଧର୍ମଗ୍ରନ୍ଥମାନଙ୍କରୁ ମିଳିଥାଏ ।

ଏଣୁ ତୁମ୍ଭେମାନେ ଦେଖିଲ ଯେ ସବୁ ମହାଜନପଦଗୁଡିକରେ ଏକ ପ୍ରକାର ସରକାର ନଥିଲା ।

### ପାଠଗତ ପ୍ରଶ୍ନ ୨୯.୩

୧) ସବୁଠାରୁ ଅଧିକ ଶକ୍ତିଶାଳୀ ଜନପଦଟି କିଏ ?

........................................................................................

୨) ବିଭିନ୍ନ ପଥମାନଙ୍କୁ ନିଜ ଅକ୍ତିଆରକୁ ଆଣିବା ପାଇଁ ମଗଧ ସେନା ଦ୍ୱାରା କି ପ୍ରକାର ପରିବହନ ଓ ଗମନାଗମନ ବ୍ୟବସ୍ଥା ବ୍ୟବହୃତ ହେଉଥିଲା ?

........................................................................................

୩) କୃଷି ଉତ୍ପାଦନ ଉପରେ ଶାସକ କେଉଁ ପରିମାଣର ଟିକସ ନେଉଥିଲେ ?

........................................................................................

୪) ମଗଧର ଦୁଇଜଣ ଶକ୍ତିଶାଳୀ ରାଜାଙ୍କ ନାମ ଉଲ୍ଲେଖ କର ।

........................................................................................



ଟିପ୍ପଣୀ

## ତୁମେ କ'ଣ ଶିଖିଲ

ରାଷ୍ଟ୍ର ଗଠନ ପ୍ରାରମ୍ଭିକ ବୈଦିକ କାଳ ସହିତ ଜଡିତ । ସରଦାରୀମାନେ ଆସ୍ତେ ଆସ୍ତେ ରାଷ୍ଟ୍ର ଗଠନର ରାସ୍ତା ବାହାର କଲେ ଯେତେବେଳେ ଚାରଣ ଭୂମି ପାଇଁ ଯୁଦ୍ଧର ଆବଶ୍ୟକତା ପଡିଲା ।

ଉକ୍ତ ଯୁଦ୍ଧ ଏକ ଏକ ଗୋଷ୍ଠୀ ମଧ୍ୟରେ ଅଥବା ଏକାଧିକ ଗୋଷ୍ଠୀମାନଙ୍କ ମଧ୍ୟରେ ହୋଇଥିଲା । ପ୍ରାରମ୍ଭିକ ରାଷ୍ଟ୍ରକୁ ଜନପଦ କୁହାଯାଉଥିଲା । କାଳକ୍ରମେ ଏହା ମହାଜନପଦରେ ପରିଣତ ହେଲା । ସେଠାରେ ଚାରିଆଡେ ପଥରର ପାଚେରୀ, ବହୁସଂଖ୍ୟକ ଚାକର ବାକର ଏବଂ ବିଶାଳ ସୈନ୍ୟବାହିନୀ ଥିଲା । ରାଜା ବା ପ୍ରମୁଖ ମାନେ ଜନ କୁହାଯାଉଥିବା ସାଧାରଣ ମନୁଷ୍ୟଙ୍କଠାରୁ ଅନେକ ପ୍ରକାରରେ ଭିନ୍ନ ଥିଲେ ।

ଆସ୍ତେ ଆସ୍ତେ ରାଜାଙ୍କ ପଦ ବଂଶାନୁଗତ ହେଲା । ତାଙ୍କ ପାଖରେ ଏକ ବିଶାଳ ସୈନ ରହିଲା ଯାହାର ରକ୍ଷଣାବେକ୍ଷଣା ପାଇଁ ମାତ୍ରାଧିକ ବ୍ୟୟର ଆବଶ୍ୟକତା ପଡିଲା । ଏହି ବ୍ୟୟ ଫସଲ, ଶିଳ୍ପ ଏବଂ ବସ୍ତୁ ଉପରେ ଆଦାୟ କରାଯାଉଥିବା ଟିକସ ଉପରେ ନିର୍ଭର କରିବାକୁ ପଡୁଥିଲା ।

ଏକ ଚିତ୍ତାକର୍ଷକ ବିଷୟ ହେଲା ଜନସଂଘ ଯାହାର ଅର୍ଥ ହେଲା ବହୁ ଶାସକମାନଙ୍କ ଦ୍ୱାରା ଶାସିତ ଏବଂ ପ୍ରତିଶାସକଙ୍କୁ ରାଜା କୁହାଯାଏ । ଉକ୍ତ ରାଜାମାନେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏକତ୍ର ସମ୍ପନ୍ନ କରୁଥିଲେ । ସେମାନେ ସଭାରେ ମିଳିତ ହେଉଥିଲେ ଏବଂ କ'ଣ କରାଯିବ ତାହା ମଧ୍ୟ ନିର୍ଣ୍ଣୟ କରୁଥିଲେ । ଗଣସଂଘର ଭୂମିର ମାଲିକାନା ସମସ୍ତ ରାଜାମାନେ ସଂଘବଦ୍ଧ ଭାବରେ ପ୍ରାପ୍ତ ହୋଇଥିଲେ ।

## ପାଠାନ୍ତ ପ୍ରଶ୍ନ

୧) ରକ୍ ବେଦ କ'ଣ ?

୨) କାହିଁକି ଯୁଦ୍ଧ ହେଉଥିଲା ?

୩) ସରଦାରୀ ଏବଂ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ ଉଲ୍ଲେଖ କର ।

୪) ରକ୍‌ବେଦରେ ବର୍ଣ୍ଣନା କରାଯାଇଥିବା ଚାରୋଟି ଗୋଷ୍ଠୀ ଉଲ୍ଲେଖ କର ।

୫) ରାଜା ହେବା ପାଇଁ ନୂତନ ବ୍ୟବସ୍ଥାର ଉଲ୍ଲେଖ କର ।

୬) ଟିକସ ଆଦାୟ କ'ଣ ପାଇଁ ମହତ୍ୱପୂର୍ଣ୍ଣ ? ଉଲ୍ଲେଖ କର ।

## ପାଠଗତ ପ୍ରଶ୍ନର ଉତ୍ତର

**୨୯.୧** ୧) ୧୮୦୦-୧୦୦୦ ଖ୍ରୀ:ପୂ

୨) ରାଜନୀତିକ

୩) ନଦୀଗୁଡିକ

୪) ଦାସ, ଦସ୍ୟୁ



ଟିପ୍ପଣୀ



**୨୯.୨** ୧) ରାଜଧାନୀ

୨) ଯୋଜନା

୩) ଖାଦ୍ୟ ଉତ୍ପାଦନ

୪) ବିଜ୍

**୨୯.୩** ୧) ମଗଧ

୨) ଭୂମି ଉପରେ ଏବଂ ନଦୀ ସହିତ

୩) ୧/୬

୪) ବିମ୍ବିସାର, ଅଜାତଶତ୍ରୁ, ମହାପଦ୍ମନନ୍ଦ

## ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ

୧) ଅନୁଚ୍ଛେଦ ୨୯.୧.୨ ଦେଖ

୨) ଅନୁଚ୍ଛେଦ ୨୯.୧.୪ ଦେଖ

୩) ଅନୁଚ୍ଛେଦ ୨୯.୧.୪ ଶେଷ ପାଞ୍ଚ ପଏଣ୍ଟ

୪) ଅନୁଚ୍ଛେଦ ୨୯.୧.୪ ପାରା ୪ ଦେଖ

୫) ଅନୁଚ୍ଛେଦ ୨୯.୩ ଦେଖ

୬) ଅନୁଚ୍ଛେଦ ୨୯.୫ ଦେଖ